**ଘରପୋଡ଼ି ମାମଲା, ଅଭିଯୁକ୍ତ ଗିରଫ**

**ପବିତ୍ରନଗର,(ନିରୋଜ କୁମାର ପ୍ରଧାନ):** କଣିହାଁ ଥାନା ପୋଲିସ ଘର ପୋଡ଼ି ମାମଲା ନଂ. ୨୮୯/୨୪ରେ ଅଭିଯୁକ୍ତ ଡେରଙ୍ଗ ଗ୍ରାମର ଦିଲୀପ ଦେହୁରୀ(୪୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଜମିବାଡ଼ି ସମସ୍ୟାକୁ ନେଇ ଗତ ମାସରେ ଡେରଙ୍ଗ ଗ୍ରାମର କବି ସାହୁଙ୍କ ସହିତ ଦିଲୀପ ଦେହୁରୀ ଓ ତାଙ୍କ ପରିବାର ସଦସ୍ୟ ଉଚ୍ଚବାଚ ବେଳେ କବି ସାହୁଙ୍କ ଚାଳଘରକୁ ଅଭିଯୁକ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା।

# ଦିବ୍ୟରୂପରେ ଦର୍ଶନ ଦେବେ ମା’ ଦଶଭୁଜା

■ଅନୁଗୋଳର ୧୧ ମଣ୍ଡପରେ ପୂଜା ପାଇବେ ମା’

■ସଜେଇ ହେଲାଣି ସହର, ପରିବେଶ ଉତ୍ସବମୁଖର




**ଅନୁଗୋଳ,୮।୧୦(ଜ୍ୟୋତିରଞ୍ଜନ ସାହୁ)**

ଦୁର୍ଗାପୂଜା ପାଇଁ ସଜେଇ ହେଲାଣି ଅନୁଗୋଳ ସହର। ଚଳଚଞ୍ଚଳ ହୋଇପଡ଼ିଛି ସମସ୍ତ ପୂଜା ମଣ୍ଡପ। ଚଳିତବର୍ଷ ୧୧ ମଣ୍ଡପରେ ମା’ ଦଶଭୁଜାଙ୍କ ପୂଜାର୍ଚ୍ଚନା କରାଯିବ। ବୁଧବାର ମା’ଙ୍କ ଷଷ୍ଠୀପୂଜା ହେବାକୁ ଥିବାରୁ ସହରରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ମହାସପ୍ତମୀରେ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ କଳସଯାତ୍ରା କରାଯିବାର ବ୍ୟବସ୍ଥା ହୋଇଛି।

ଚଳିତବର୍ଷ ସହରର ହେମସୁରପଡ଼ା, ଅମଲାପଡ଼ା, ଶିମିଳିପଡ଼ା, ଦଶହରାପଡ଼ିଆ, ହୁଲୁରୁସିଂହା, ରାଣୀଗୋଡ଼ା, ଶୁଖୁଡ଼ା, କାଲଟାକ୍ସ ଛକ, ବସ୍‌ଷ୍ଟାଣ୍ଡ ଓ ଗାନ୍ଧୀଛକରେ ପୂଜା ପାଇଁ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ମଣ୍ଡପ ପକ୍ଷରୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଆକର୍ଷଣୀୟ ସାଜସଜ୍ଜା ସହ ଆଖି ଝଲସାଇଲା ଭଳି ତୋରଣ ପ୍ରସ୍ତୁତ କରାଯାଇଛି। ଦଶହରା ପଡିଆଠାରେ ବଡ଼ ବଡ଼ ଦୋଳି ସାଙ୍ଗକୁ ମିନାବଜାର ପ୍ରସ୍ତୁତି ଶେଷ ହୋଇଛି। ଷଷ୍ଠୀରେ ମା’ଙ୍କ ଷୋଡ଼ଶ ଉପଚାର ପୂଜା କରାଯିବ। ବେଲବରଣୀ ରାତି ୩ଟାରୁ ସାଢ଼େ ପାଞ୍ଚଟା ଓ ସପ୍ତମୀ ପୂଜା ସକାଳୁ କଳସ ଯାତ୍ରା କରାଯିବ। ଘାଟରେ ଗଙ୍ଗାପୂଜା ହେବା ପରେ ଶୋଭାଯାତ୍ରାରେ କଳସ ଆସି ମଣ୍ଡପରେ ସ୍ଥାପନ ହେବ। ଅଷ୍ଟମୀ ଦିନ ଅଷ୍ଟମୀ ପୂଜା ସହ ସନ୍ଧିପୂଜା କରାଯିବ। ପରଦିନ ନବମୀ ଓ ତା’ପର ଦିନ ମା’ଙ୍କ ଦଶମୀ ପୂଜା କରାଯିବ। ଅନୁଗୋଳରେ ଶିମିଳପଡ଼ା ପୂଜା ମଣ୍ଡପ ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ସହରର ପୁରାତନ ମଣ୍ଡପରେ ବଙ୍ଗୀୟ ରୀତିନୀତିରେ ଏଠାରେ ପୂଜାର୍ଚ୍ଚନା କରାଯିବ, ଯାହା ସହରର ଅନ୍ୟ କୌଣସି ମଣ୍ଡପରେ ଏପରି ପରମ୍ପରା ଦେଖିବାକୁ ମିଳି ନ ଥାଏ। ଦଶହରାରେ ହେମସୁର ପଡାଠାରେ ରାବଣ ପୋଡ଼ି ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୧୨ ତାରିଖରେ ପୂଜା ଶେଷ ପରେ ସହରରେ ୧୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସେଣ୍ଟ୍ରାଲ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ସହରରେ ଟ୍ରାଫିକ ବ୍ୟବସ୍ଥାକୁ ଠିକ୍‌ରେ ପରିଚାଳନା ପାଇଁ ସବୁ ଛକରେ ପୋଲିସ ରହିବେ। ପୂଜା ଗହଳିରେ ଅସାମାଜିକ ବ୍ୟକ୍ତି, ଚୋରଙ୍କୁ ଧରିବା ପାଇଁ ସାଦା ପୋଷାକରେ ପୋଲିସ ରହିବେ ବୋଲି ସୂଚନା ମିଳିଛି। ଦୁର୍ଗାପୂଜା ପାଇ ଆସନ୍ତା ୯ ରୁ ୧୪ ତାରିଖ ପର୍ଯ୍ୟନ୍ତ ସହର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥରେ ଅପରାହ୍ଣ ୪ଟାରୁ ରାତି ୧୨ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ରହିବ। ବାସନ୍ତୀ ଦୁର୍ଗାପୂଜା ପଡ଼ିଆ, ଷ୍ଟାଡିୟମଠାରେ ଦର୍ଶକମାନେ ଗାଡି ପାର୍କିଂ କରି ପୂଜା ବୁଲିବାକୁ ଯାଇପାରିବେ।

# ବ୍ଲକରୁ ଜିଲାକୁ ଲକ୍ଷ୍ମୀବସ୍ ଗଡ଼ିଲେ ବିରୋଧ ହେବ




ବୈଠକରେ ଉପସ୍ଥିତ ଅନୁଗୋଳ ଓ ଛେଣ୍ଡିପଦା ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ।

**ଛେଣ୍ଡିପଦା,୮।୧୦(ଅଜିତ ଧଳ)**

**ବସ୍ ମାଲିକ ସଂଘର ମିଳିତ ସମନ୍ୱୟ ବୈଠକ**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକସ୍ଥିତ ପୂର୍ତ୍ତବଙ୍ଗଳା ଠାରେ ଛେଣ୍ଡିପଦା ବସ୍ ମାଲିକ ସଂଘ ଓ ଅନୁଗୋଳ ବସ୍ ମାଲିକ ସଂଘ ମଧ୍ୟରେ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବସ୍ ମାଲିକ ସଂଘ ସଭାପତି ମାନସ ରଞ୍ଜନ ସାମଲ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଛେଣ୍ଡିପଦା ବସ୍ ମାଲିକ ସଂଘ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ ଓ ସାଧାରଣ ସମ୍ପାଦକ ମନୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିବା ବେଳେ ଛେଣ୍ଡିପଦା ବସ୍ ମାଲିକ ସଂଘ କୋଷାଧ୍ୟକ୍ଷ ବୁଦ୍ଧଦେବ ପ୍ରଧାନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନୁଗୋଳ ବସ୍ ମାଲିକ ସଂଘ ସଭାପତି ମାନସ ରଞ୍ଜନ ସାମଲ ଶୃଙ୍ଖଳିତ ଭାବେ ସମୟ ବ୍ୟବଧାନରେ ବସ୍‌ଗୁଡିକ ଚଳାଚଳ କଲେ ବ୍ୟବସାୟ ଠିକ୍‌ରେ ଚାଲିବ ବୋଲି କହିଥିଲେ। ଛେଣ୍ଡିପଦା ବସ୍ ମାଲିକ ସଂଘ ସଭାପତି ଉମେଶ ଚନ୍ଦ୍ର ପ୍ରଧାନ ପଞ୍ଚାୟତରୁ ବ୍ଲକ ଓ ବ୍ଲକରୁ ପଞ୍ଚାୟତକୁ ଚାଲୁଥିବା ଲକ୍ଷ୍ମୀ ବସ୍ ଯେମିତି ଜିଲାକୁ ନ ଗଡ଼ିବ ତାହା ଉପରେ ସଂଘ ନଜର ରଖିବା ସହିତ ଦୃଢ଼ ବିରୋଧ କରିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ବିଜୟ ବେହେରା, ମାଧବ ସାହୁ, କଲ୍ଲୋଳକାନ୍ତ ସାହୁ, ଅଜିତ ପ୍ରଧାନ, ଅଜିତ କୁମାର ସାହୁ, ଉପେନ୍ଦ୍ର ସାହୁ, ଦେବେନ୍ଦ୍ର ସାହୁ, ସୁଶୀଲ କୁମାର ବେହେରା, ବାବୁଲି ଆଚାର୍ଯ୍ୟ, ବଳରାମ ବେହେରା, ପଙ୍କଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଛେଣ୍ଡିପଦା ବସ ମାଲିକ ସଂଘ ସାଧାରଣ ସମ୍ପାଦକ ମନୋଜ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮୩ ଛାତ୍ରୀଛାତ୍ରଙ୍କୁ ମିଳିଲା ପୋଷାକ

**ଅନୁଗୋଳ,୮।୧୦(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରୋଦ କୁମାର ସେନାପତି ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ପାଇଁ ମୋଟ ୧୮୩ ଜଣ ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିଲ ବେହେରା, ସଦସ୍ୟ ସୁବାସ ବେହେରା, ପୂର୍ଣ୍ଣିମା ସାହୁ, ମୋ ସ୍କୁଲ ଅଭିଯାନ ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ବରିଷ୍ଠ ସଦସ୍ୟ ତ୍ରେତାନନ୍ଦ ସାମନ୍ତଙ୍କ ଉପସ୍ଥିତିରେ ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପୋଷାକ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରଞ୍ଜିତାରାଣୀ ପଣ୍ଡା ପାଣିଗ୍ରାହୀ, ନିରୁପମା ସାହୁ, ବବିତା ସାହୁ, ବିନୋଦିନୀ ସାହୁ, ସୀମନ୍ତିନୀ ଜଗତ, ନିରୁପମା ସାହୁ, ଅଙ୍ଗନୱାଡ଼ି କର୍ମୀ ପରିଚାଳନା କରିଥିଲେ।



ସ୍କୁଲ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଉଛି।

# ଡାକ ଟିକେଟ୍ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ



ଉପହାର ପାଇଥିବା ଛାତ୍ରୀଛାତ୍ରଙ୍କ ସହ ଡାକଘର ଅଧିକାରୀ ଓ ଶିକ୍ଷୟିତ୍ରୀଶିକ୍ଷକ।

**ଅନୁଗୋଳ,୮।୧୦(ମାନସ ବିଶ୍ୱାଳ)**

ଭାରତୀୟ ଡାକ ବିଭାଗ ତରଫରୁ ଜାତୀୟ ଡାକ ସପ୍ତାହ ଅକ୍ଟୋବର ୭ ରୁ ୧୧ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ଅନୁଗୋଳ ପ୍ରଧାନ ଡାକଘରେ ଗତ ସୋମବାର ମେଲ୍ ଓ ପାର୍ସଲ ଦିବସ ପାଳନ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସରେ ଅନୁଗୋଳ ପ୍ରଧାନ ଡାକଘର ତରଫରୁ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଡାକଟିକେଟ ସଂଗ୍ରହ ଦିବସ ପାଳନ କରାଯାଇଥିଲା। ଏଥିରେ ଡାକ ଟିକେଟ ସଂଗ୍ରାହକ ତ୍ରେତାନନ୍ଦ ସାମନ୍ତ ଭାଗ ନେଇ ସଂଗ୍ରହ କରିଥିବା ବିଭିନ୍ନ ପ୍ରକାର ପୁରୁଣା ଡାକ ଟିକେଟ ପ୍ରଦର୍ଶନ କରିଥିଲେ। ଡାକ ବିଭାଗ ସହକାରୀ ନିରୀକ୍ଷକ ରମେଶ ପ୍ରଧାନ, ଅନୁଗୋଳ ପ୍ରଧାନ ଡାକ ଘର ଡାକପାଳ ମମତା ପଣ୍ଡା, ବ୍ୟବସାୟିକ ଅଧିକାରୀ ସୁଜିତ କୁମାର ଦେହୁରୀ, ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝୀ, ଶିକ୍ଷୟିତ୍ରି ମନ୍ଦାକିନୀ ପ୍ରଧାନ, ରାଗେଶ୍ୱରୀ ବେହେରା ଯୋଗଦେଇ ଡାକ ଟିକେଟ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଡାକ ବିଭାଗ ଦ୍ୱାରା ଡାକଟିକେଟ ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଭାଗନେଇ ଠିକ୍ ଉତ୍ତର ଦେଉଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିଲା।

# କଠିନ ପରିଶ୍ରମ କଲେ ସଫଳତା ମିଳିବ

**ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକ ସାହି କାଶୀବିଶ୍ୱନାଥ ଡିଗ୍ରୀ ମହାବିଦ୍ୟାଳୟର ନୂତନ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସୋମବାର ମହାବିଦ୍ୟାଳୟ ପରିସରରେ ସ୍ୱାଗତ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ନିରୋଜକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ମନଦେଇ ପଢିବେ ସେଥିପ୍ରତି ଧ୍ୟାନ ଦେବା ସହ କଠିନ ପରିଶ୍ରମ କଲେ ସଫଳତା ପାଇପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଅଧ୍ୟାପକ ଶାରଦା ପ୍ରସାଦ ସାହୁ , ସରୋଜ କୁମାର କର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମବର୍ଷର ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।




# ୫୨ ୟୁନିଟ୍ ରକ୍ତ ସଂଗ୍ରହ



**ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ରେଡ୍‌କ୍ରସ, ଏନ୍‌ଏସ୍‌ଏସ୍ ଓ ମହାବିଦ୍ୟାଳୟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ଅଞ୍ଚଳରୁ ଯୁବତୀ ଯୁବକମାନେ ଯୋଗଦେଇ ରକ୍ତଦାନ କରିଥିଲେ। ମୋଟ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ଅଧ୍ୟାପିକା ସୁମିତ୍ରା ସ୍ୱାଇଁ, ଶୁଭ୍ରଶଶୀ ପ୍ରଧାନ, ମଧୁସ୍ମିତା ସ୍ୱାଇଁ, ଆଦ୍ୟାଶା ପ୍ରଧାନ, ସୋନାଲୀ ପ୍ରଧାନ ଯୋଗଦେଇଥିଲେ। ହଣ୍ଡପା ମେଡିକାଲ ଡାକ୍ତର ପାର୍ଥସାରଥି ପତି ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନୁଗୋଳ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଓଲଟି ଚାଳକ ମୃତ

**ପବିତ୍ରନଗର,୮।୧୦(ନିରୋଜ କୁମାର ପ୍ରଧାନ)**

କଣିହାଁ ବ୍ଲକ ସମଲ ଥାନା କଟରାପଡା ଗ୍ରାମର ଏକ ଚାଷ ଜମିରେ ଚାଷ କାର୍ଯ୍ୟ ବେଳେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଗ୍ରାମର ବରୁଣ ନାଏକ(୪୭)ଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଜମି ହୁଡାରେ ଟ୍ରାକ୍ଟର ଓଲଟି ପଡିବାରୁ



ବରୁଣ ଚାପିହୋଇ ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାରକରି ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସମଲ ପୋଲିସ ମୃତଦେହ ଜବତ କରି ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସମଲ ଥାନା ଏସଆଇ ବିଚିତ୍ରାନନ୍ଦ ସାହୁ କହିଛନ୍ତି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ।

# ବେଆଇନ ବାଣ କାରଖାନା ଉପରେ ଚଢ଼ାଉ, ଜଣେ ଗିରଫ

**ବିପୁଳ ପରିମାଣର ବ୍ୟବହୃତ ସାମଗ୍ରୀ ଜବତ**

**ଛେଣ୍ଡିପଦା,୮।୧୦(ଅଜିତ ଧଳ)**



ଅନୁଗୋଳ ଜିଲା ଜରପଡା ଥାନା ଜରଡ଼ା ଗ୍ରାମରେ ଥିବା ଏକ ବେଆଇନ ବାଣ କାରଖାନା ଉପରେ ପୋଲିସ ଚଢ଼ାଉ କରି ବାଣ ତିଆରି ପାଇଁ ରଖାଯାଇଥିବା ବ୍ୟାପକ ସାମଗ୍ରୀ ସହିତ ବାରୁଦ ଓ ବାଣ ଜବତ କରିଛି। ଏଥିସହ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବାଲିଆ ଅଞ୍ଚଳର ନୃସିଂହ ରାଉତ। ପୋଲିସ କହିଛି, ଜରଡା ଗ୍ରାମରେ ଏକ ବେଆଇନ ବାଣ କାରଖାନାରେ ବାଣ ପ୍ରସ୍ତୁତ ହେଉଥିବା ଖବରପାଇ ଅନୁଗୋଳ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଓ ଜରପଡା ପୋଲିସ ଚଢ଼ାଉ କରିଥିଲା। ଉକ୍ତ କାରଖାନାରୁ ପ୍ରାୟ ୨ କିଲୋ ଶିଶା, ୫୦ କିଲୋ ସୁତୁଲି, ୫୫ କିଲୋ ପିବିସି ପାଉଡର, ୨ ହଜାରଟି ଟିଣ କ୍ୟାପ, ୩ କିଲୋ ଲୁହାଗୁଣ୍ଡ, ୨୩୦ଟି ଖାଲି ନଡିଆ ବମ, ୫ଶହ ପେପର ପାଇପ, ୨ଶହ ଛୋଟ ବଡ ପେପର ବମ, ୯ କିଲୋ ହାଇଡ୍ରୋଜେନ ପାଉଡର, ୩୦ କିଲୋ କୋଇଲା ଗୁଣ୍ଡ, ୧୫ କିଲୋ ସଲଫର ପାଉଡର, ୪ କିଲୋ ମିକ୍ସର ପାଉଡର, ୬୦ଟି ଝରାବତି, ୧୫ କିଲୋ ବାରିଅମ ପାଉଡର,୧୨୦ଟି ଟାଇସନିକ ଛୋଟ ବମ, ୧ କିଲୋ ସିଲଭର ରୁକ, ୨୫ କିଲୋ ହାଇଡ୍ରୋଜେନ ପାଉଡର ଆଦି ଜବତ କରାଯାଇଛି। ଏନେଇ ଜରପଡା ଥାନାରେ ନଂ ୨୨୬/୨୪ରେ ଏକ ମାମଲା ରୁଜୁ କରାଯିବା ସହିତ ନୃସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ତଦନ୍ତ ଚଳାଇଛି।

# ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ନେଇ ଆଲୋଚନା



**ବଅଁରପାଳ,୮।୧୦ (ସୁବାସ ସାହୁ)**

ଆଗାମୀ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜାରେ ଜନସମାଗମକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ନାଲ୍‌କୋ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ଥାନା ଅଧିକାରୀ ପ୍ରଦୀପ ମହନ୍ତ ଅଧ୍ୟକ୍ଷତା କରିଥିଲେ। ନାଲ୍‌କୋ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ପୂଜା କମିଟି ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏଥିରେ ବାଲ୍ୟ ବିବାହ ରୋକିବା ଓ ଗୁଣି ସନ୍ଦେହ, ସାମାଜିକ ବାସନ୍ଦ, ପୋଲିସ ପ୍ରତି ଜନସାଧାରଣଙ୍କ ଥିବା ଭୟ ଦୂର କରିବା, ଚୋରା ମଦ କାରବାର କିଭଳି ରୋକାଯାଇପାରିବ, ସାଇବର ଠକ ଓ ଆଗମୀ ଦୁର୍ଗା ପୂଜା ଏବଂ ଲକ୍ଷ୍ମୀ ପୂଜାରେ ଜନଗହଳି ସ୍ଥାନରେ ସତର୍କତା ଅବଲମ୍ବନ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ପୋଲିସ ଓ ଜଣ ସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିବା ଜରୁରୀ ବୋଲି ଥାନା ଅଧିକାରୀ ପ୍ରଦୀପ ମହନ୍ତ ପ୍ରକାଶ କରିଥିଲେ। ନାଲକୋ ଥାନା ଏସ୍‌ଆଇ ଦୀପକ କୁମାର ସିଂହ, ଏସ୍‌ଆଇ ଗଙ୍ଗାଧର ବେହେରା ସାମାଜିକ ଗଣମାଧ୍ୟମରେ ଆସୁଥିବା ଲିଙ୍କ ମାଧ୍ୟମରେ କିପରି ଠକେଇ ହେଉଛି ସେ ନେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ଓ କୁଲାଡ, ଗିରାଙ୍ଗ, କାଣ୍ଡସର, ବଳରାମ ପ୍ରସାଦ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏସ୍‌ଆଇ ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଅଁରପାଳ ଥାନା ପୋଲିସ ପକ୍ଷରୁ ବଜାର କମିଟି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ବଅଁରପାଳ ଥାନା ନିକଟରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ ଜନସାଧାରଣ ଓ ପୋଲିସ ମଧ୍ୟରେ କିପରି ସୁସମ୍ପର୍କ ରହିବ ଏବଂ ଲୋକମାନେ କିପରି ଠକେଇର ଶିକାର ନ ହେବେ ସେ ନେଇ ସବିଶେଷ ଭାବେ ବୁଝାଇଥିଲେ।

# ଶିଶୁଙ୍କ ଭିତରେ ଅନେକ ପ୍ରତିଭା ଲୁଚି ରହିଛି

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ପାଳିତ**

**ଅନୁଗୋଳ,୮।୧୦ (ମାନସ ବିଶ୍ୱାଳ)**



ଅନୁଗୋଳ ଜିଲା ସଭାଗୃହଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲା ସମାଜ ମଙ୍ଗଳ ବିଭାଗ ସହଯୋଗରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ମହକ ଓ ଉତ୍ସାହ’ ଏବଂ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁଚି ରହିଛି। ଏହି ପ୍ରତିଭା ପ୍ରସ୍ଫୁଟିତ ହୋଇ ସମାଜରେ ମହକ ସୃଷ୍ଟି କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଏକ ଉତ୍ତମ ମଞ୍ଚ ବୋଲି ଜିଲାପାଳ କହିଥିଲେ। ଏଥିସହ ଗତ ୬ ତାରିଖରେ ଅନୁଷ୍ଠିତ ଉତ୍ସାହ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଗତବର୍ଷ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଜିଲାସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜାତୀୟସ୍ତରରେ କରାଟେ ଚାମ୍ପିୟନ ଦେବସ୍ମିତା ଦଳବେହେରା, ଜାତୀୟ ସ୍ତରୀୟ ୟୁସୁ ଖେଳାଳି ଅଙ୍କିତା ନାୟକ, ଜାତୀୟ ସ୍ତରୀୟ ସ୍କୁଆ ଖେଳାଳି ଶ୍ରୀୟାଶ୍ରୀ ପ୍ରଧାନ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ବାର୍ଷିକ ପରୀକ୍ଷା ୨୦୨୪ରେ ବାଳିକାମାନଙ୍କ ମଧ୍ୟରେ ପ୍ରଥମ ହୋଇଥିବା ବର୍ଷା ଶୁଭଦର୍ଶିନୀ ସାହୁ, ସିବିଏସଇରେ ଆର୍ଦ୍ଧୁ ନାୟକ ଏବଂ ଆଇସିଏସଇ ବାର୍ଷିକ ପରୀକ୍ଷା ୨୦୨୪ରେ ବାଳିକାମାନଙ୍କ ମଧ୍ୟରେ ଜିଲାରେ ପ୍ରଥମ ହୋଇଥିବା ସୃଷ୍ଟି ଅଗ୍ରୱାଲଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ବିକାଶ ପାଇଁ ଉତ୍ସବ ପାଳନ ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ଏଥିସହ ମହକର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ମହକ ଓ ଉତ୍ସାହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାନନ୍ଦ ମହାନ୍ତି, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୂପମା ପାଣି, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଠ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦୀପ୍ତି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ଡ. କୁଳମଣି ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ମହାବିଦ୍ୟାଳୟ କର୍ମଚାରୀଙ୍କ ପରଲୋକ



ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପାଇକସାହି କାଶୀ ବିଶ୍ୱନାଥ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଧୀରେନ୍ଦ୍ର କୁଦେଇଙ୍କ ସୋମବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ପାଇକସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

### ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ ଥାନା କନ୍ତପଡା ଗ୍ରାମରେ ରବିବାର ରଞ୍ଜନ ଗୋଛାୟତଙ୍କୁ ସେହି ଗ୍ରାମର ରାହୁଲ ଗୋଛାୟତ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ସୋମବାର ଠାକୁରଗଡ ଥାନାରେ ରଞ୍ଜନଙ୍କ ଭଉଣୀ ସୁମତି ଗୋଛାୟତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୨୦/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି, ରଞ୍ଜନ ଉକ୍ତ ଗ୍ରାମର ଏକ ଜନ୍ମଦିନ ଭୋଜି ଖାଇବାକୁ ଯାଇଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାହୁଲ ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସେ ଗୁରୁତର ଅବସ୍ଥାରେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହେବାପରେ ଥାନାରେ ଅଭିଯୋଗ କରିଛନ୍ତି ।

### ଠିକାସଂସ୍ଥାର ସାମଗ୍ରୀ ଚୋରି ଅଭିଯୋଗ

ବଇଣ୍ଡା,୮।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ୫୫ନମ୍ବର ଜାତୀୟରାଜପଥ କାମ କରୁଥିବା ଏଆଇପିଏଲ ଠିକାସଂସ୍ଥାର ଭିନ୍ନଭିନ୍ନ ସ୍ଥାନରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଠିକାସଂସ୍ଥାର କର୍ମଚାରୀ ରାଜେଶ କୁମାର ରାଉତ ହଣ୍ଡପା ଥାନାରେ ସୋମବାର ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ କହିବା ଅନୁଯାୟୀ ଜଣେ ବ୍ୟକ୍ତି ଏହି ଠିକାସଂସ୍ଥାର ବିଭିନ୍ନ ସ୍ଥାନରୁ ୪ଟନ ଲୁହାଛଡ଼, ରଡ଼କଟା ମେଶିନ, ଜେସିବି ମେଶିନର ଦାନ୍ତ, ପାଣିଟାଙ୍କି, ପାଣିପମ୍ପ ଗୁଡିକୁ ଚୋରି କରି ନେଇଯାଇଛନ୍ତି । ପୋଲିସ ତଦନ୍ତ ଜାରି ରଖିଥିବା କହିଛି ।

# 'ଗାଁ ବିକାଶ ହେଲେ ଦେଶ ବିକଶିତ ହେବ'

## କଙ୍କଡାହାଡ଼ ପଞ୍ଚାୟତ ସମିତି ଅଧିବେଶନ



କାମାକ୍ଷାନଗର, ୮।୧୦ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ପଞ୍ଚାୟତ ସମିତି ସଭାଗୃହ ପରିସରରେ ମଙ୍ଗଳବାର ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ବିଡିଓ ଯଶୋବନ୍ତ ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଚାରୁଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନ କହିଥିଲେ ଗାଁ ବିକାଶ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ନୂଆ ଯୋଜନା କାର୍ଯ୍ୟକାରୀ ହେବ। ମୁଖ୍ୟ ଗାଁରୁ ପଡ଼ା ଗାଁକୁ ପକ୍କା ରାସ୍ତା ନିର୍ମାଣ କରାଯିବ। ପ୍ରତି ଗାଁକୁ ମୁଖ୍ୟଧାରାକୁ ଆଣି କଙ୍କଡାହାଡ଼ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରତି ଦୃଷ୍ଟି ଦେଇ ଦେଇ ଏକ ବିକଶିତ ବ୍ଲକ ଭାବେ କାମ କରିବା ପାଇଁ ଶ୍ରୀ ପ୍ରଧାନ କହିଛନ୍ତି। ସରପଞ୍ଚ, ସମିତି ସଦସ୍ୟମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଦଶୀପୁର ସରପଞ୍ଚ ସୁଧୀର ପାଳ ଦଶୀପୁର ଉଚ୍ଚ ବିଦ୍ୟାଳୟରେ ଦୀଘ ୨୫ ବର୍ଷ ବିନା ବିଜ୍ଞାନ ଶିକ୍ଷକରେ ଚାଲିଥିବା ବେଳେ ଗତବର୍ଷ ସୁନ୍ଦରମୁଣ୍ଡି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକଙ୍କୁ ସପ୍ତାହରେ ୩ ଦିନ ଜାଗାରେ ୬ ଦିନ ଦେବା ପାଇଁ ଦାବି କରିଥିଲେ। କଙ୍କଡାହାଡ଼ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ, ଦଣ୍ଡାଧାର ଡ୍ୟାମର ପ୍ରକଳ୍ପ କାମ ମନ୍ଥର ଗତିରେ ଚାଲୁଥିବା ଉପରେ କରଗୋଲା ସରପଞ୍ଚ ତାପସ ପାଣି ପ୍ରଶ୍ନ କରିଥିଲେ। ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ ବିଭିନ୍ନ ଗାଁରେ ଥିବା ମାଟି ରାସ୍ତା ଯେଉଁଠି ୨ କିମିରୁ ଉର୍ଦ୍ଧ୍ୱ ଦୂରତା ଅଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରେ ସାମିଲ କରିବା ପାଇଁ କହିଥିଲେ। ବାମ ସମିତି ସଦସ୍ୟା ଲକ୍ଷ୍ମୀ ହେସା ବାମ ପଞ୍ଚାୟତର ଅପହଞ୍ଚ ଅଞ୍ଚଳ ଭାବେ ପରିଚିତ ପାକଟମୁଣ୍ଡା, ଗଣ୍ଡିଖୋଲ, ପଥରଗଡ଼, ବାମ ଗାଁ ଦେଇ ବ୍ଲକ ସଦର ମହକୁମା ପର୍ଯ୍ୟନ୍ତ ଲକ୍ଷ୍ମୀ ବସ ଚାଲୁ କରିବା ପାଇଁ ଦାବି କରିଥିଲେ। ବାମ ଗାଁର ହନୁମନ୍ତିଆ ସାହି, ଗଣ୍ଡିଖୋଲ ଗାଁରେ ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯିବା ପାଇଁ କହିଥିଲେ। କେରଜୁଳି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରାଯାଇଥିବା କେରଜୁଳି ସରପଞ୍ଚ ରାଜକିଶୋର ସାହୁ ପ୍ରଶ୍ନ କରିଥିଲେ। କଣ୍ଟାପାଳଠାରେ ଥିବା ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ କଣ୍ଟାପାଳ ସରପଞ୍ଚ ତିଲୋତମା ସିଂହ ଦାବି କରିଥିଲେ। ଉଦ୍ୟାନ କୃଷି ବିଭାଗ ଦ୍ୱାରା ଅଦା ଚାଷ, କୃଷି ବିଭାଗ ଦ୍ୱାରା ପାଇବାକୁ ଥିବା ଯୋଜନା ଲୋକଙ୍କ ପାଖରେ ପହଁଚି ପାରୁନାହିଁ । କେଉଁଠି କେଉଁ ଯୋଜନା ହେଉଛି ଅଧିକାରୀ ଯାଉ ନଥିବା ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, କାନ୍ଦୁଲ ସମିତି ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ରିନା ହେସା, ରବି ନାରାୟଣ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଏସ ନୈବେଦ୍ୟ ଲଳିତେନ୍ଦୁ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ,କେନ୍ଦ୍ରମନ୍ତ୍ରୀଙ୍କୁ ଅଭିନନ୍ଦନ

ଢେଙ୍କାନାଳ,୮।୧୦(ରତନ ନାୟାର)/ ଅନୁଗୋଳ (ମାନସ ବିଶ୍ୱାଳ)

ହରିୟାଣାରେ ଭାଜପାର ବିଜୟ ପାଇଁ ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ବିଚକ୍ଷଣ ସଂଗଠନ କୁଶଳତା ଯୋଗୁ ଭାଜପା ହରିୟାଣା ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିଥିବା ଦଳ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଯାଇଛି। ଏହି ବିଜୟ ପାଇଁ ଜିଲା ଭାଜପା ପକ୍ଷରୁ ଏମ୍‌ପି ରୁଦ୍ର ନାରାୟଣ ପାଣି, ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ପ୍ରେମାନନ୍ଦ ଜେନା, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ପବିତ୍ର କୁମାର ବିଶ୍ୱାଳ, ସନାତନ ବେହେରା, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଶିବ ପ୍ରସାଦ ସାହୁ, ସୁନିଲ ଶର୍ମା, ରାସ ବିହାରୀ ବେହେରା, ରତିକାନ୍ତ ସାହୁ, ମମତା ସ୍ୱାଇଁ, ମହାବୀର ଯଶୋବନ୍ତ ମହିମା, ପ୍ରଶାନ୍ତ ପ୍ରଧାନ, ଦିପକ ଗୋଛାୟତଙ୍କ ସମେତ ବହୁ ନେତୃବୃନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଅନୁଗୋଳ ଜିଲା ଭାଜପା ପକ୍ଷରୁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଯାଇଛି। ଏମ୍‌ପି ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ସମସ୍ତ ଜିଲା ଟିମ୍ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ କୃତଜ୍ଞତା ପ୍ରଦାନ କରିଥିବା ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ରାଜ୍ୟସ୍ତରୀୟ ମାନ୍ୟତା ପାଇଁ ଦାବି



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷକ୍ଷ୍ମୀପୂଜା ଉତ୍ସବକୁ ରାଜ୍ୟସ୍ତରୀୟ ମାନ୍ୟତା ପ୍ରଦାନ ପାଇଁ ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ପ୍ରଧାନ କରାଯିବା ସହିତ ଅନୁରୋଧ କରାଯାଇଛି। ମିଳିତ ଲକ୍ଷ୍ମୀପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ରବି ନାରାୟଣ ମହାନ୍ତି, ବିଶ୍ୱନାଥ ବେହେରା, ଜ୍ଞାନେନ୍ଦ୍ର ବେହେରା, ପିତବାସ ସାହୁ ଓ ରୁଦ୍ର ନାରାୟଣ ତ୍ରିପାଠୀ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ । ଢେଙ୍କାନାଳ ଲକ୍ଷ୍ମୀପୂଜା ଉତ୍ସବକୁ ରାଜସ୍ତରୀୟ ମାନ୍ୟତା ପ୍ରଦାନ ପାଇଁ ପୂର୍ଣ୍ଣମାତ୍ରାରେ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମିଳିତ ବଜାର ପୂଜା କମିଟି ସମ୍ପାଦକ ପୀତବାସ ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ଅନ୍ତର୍ନିହିତ ପ୍ରତିଭାର ବିକାଶ କରେ ପ୍ରତିଯୋଗିତା



ଛେଣ୍ଡିପଦା,୮।୧୦(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ଡିସି ସହାଭାଗିତାରେ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସମ୍ମାନିତ ଅତିଥି ଭାବେ ତହସିଲଦାର ସୁକାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗର ୧୪ଟି ପ୍ରତିଯୋଗିତାରେ ବ୍ଲକର ୧୭ଟି ଗୋଷ୍ଠୀସାଧନ କେନ୍ଦ୍ରର ୩୯୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଭାବେ ଅଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ଜିଏମ୍‌ଡିସି ସିଏସ୍‌ଆର୍ ସଦସ୍ୟ ରଶ୍ମିରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ କରାଯାଇଥିଲା। ବିଚାରକ ଭାବେ ସାଧୁଚରଣ ପ୍ରଧାନ, ଦେବାର ରଣା, ମହେଶ୍ୱର ସାହୁ, ଅର୍ଜୁନ କୁମାର ମାଝୀ, ପ୍ରଜ୍ଞା ପାରମିତା ପ୍ରଧାନ, ମମତା ବିଲୁଙ୍ଗଙ୍କ ସମେତ ୩୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାକର ଗଡନାୟକ, ପବିତ୍ର ମୋହନ ଦେହୁରୀ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସେଠୀ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାକେଶ ପ୍ରୀତମ ସାହୁଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆର୍‌ସିସ, ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଓଡ଼ାପଡ଼ା ପଞ୍ଚାୟତ ସମିତି ବୈଠକ



ଓଡାପଡା, ୮।୧୦ (ରଣଜିତ ନାୟକ)

ଓଡ଼ାପଡ଼ା ପଞ୍ଚାୟତ ସମିତିର ୭ମ ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ଏମପି ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ହିଦୋଳ ବିଧାୟିକା ସିମାରାଣୀ ନାୟକ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ସମ୍ପର୍କରେ ଉପସ୍ଥିତ ଜନପ୍ରତିନିଧିମାନଙ୍କଠାରୁ ଶୁଣିବା ପରେ ସେ ସବୁର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ଜନସାଧାରଣଙ୍କର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ସିସି ପକ୍ଷରୁ ସ୍ୱଚ୍ଛତା ମାସ ପାଳିତ

ଢେଙ୍କାନାଳ,୮।୧୦(ରତନ ନାୟାର)



ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ସ୍ଥଳ ବାହିନୀ ବାଳିକା ବାଳକ ବିଭାଗ, ନୌବାହିନୀ ବାଳିକା ବାଳକ ବିଭାଗ ଓ ଆକାଶବାହିନୀ ବାଳିକା ବାଳକ ବିଭାଗର ୨୦୦ଜଣ କ୍ୟାଡେଟ୍‌ଙ୍କ ଉପସ୍ଥିତିରେ ଏକମାସ ଧରି ସ୍ୱଚ୍ଛତା ମାସ ୨୦୨୪ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି ବୋଲି ମଙ୍ଗଳବାର ବିଦ୍ୟାଳୟ ପକ୍ଷରୁ ଜଣାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ଆକାଶ ବାହିନୀ ମୁଖ୍ୟ ଅଧିକାରୀ ଡ. ଦେବୀପ୍ରସାଦ ମିଶ୍ର, ଥାର୍ଡ ଅଫିସର ଅନୁପମା ପଣ୍ଡା, କେୟାରଟେକର ଅଫିସର କିରଣମୟୀ ମହାଲିକ ଓ ଦିପ୍ତୀଶ କୁମାର ଶତପଥୀ, ସ୍ୱଚ୍ଛତା ବିଭାଗ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସ୍ୱାଗତିକା ରଥ, ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଡ. ଅନୁପମା ମିଶ୍ରଙ୍କ ମିଳିତ ପ୍ରଚେଷ୍ଟାରେ ଦୀର୍ଘ ଏକମାସ ଧରି ସ୍ୱଚ୍ଛତା ମାସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଦରକାର ବୋଲି ଆହ୍ୱାନ ଦେଇଥିଲେ। ଏହିମାସ ପାଳନ ଅବସରରେ ବିଦ୍ୟାଳୟ ବିଶୁଦ୍ଧିକରଣ, ଶୌଚାଳୟ ସଫେଇ, ଜଳ ସଂରକ୍ଷଣ, ପାନୀୟ ଜଳର ସୁବିନିଯୋଗ, ଜଳବାହିତ ରୋଗର ସଚେତନତା, ପ୍ରାକୃତିକ ସମ୍ପଦର ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ, ହାତ ଧୋଇବା ଆଦିକୁ ନେଇ ସଚେତନତା ଶୋଭାଯାତ୍ରା, କର୍ମଶାଳା, ପ୍ରବନ୍ଧ, କବିତା ଲିଖନ, ସ୍ଲୋଗାନ, ଚିତ୍ରାଙ୍କନ, ପେଣ୍ଟିଂ, ଡଷ୍ଟବିନ୍ ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତାଗୁଡିକରେ କୃତୀ ପ୍ରତିଯୋଗୀମାନଙ୍କୁ ଶିକ୍ଷାବିତ ପଣ୍ଡିତ ରୁଦ୍ର ନାରାୟଣ ମିଶ୍ରଙ୍କ ରନିଙ୍ଗ୍ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ପରିଚଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟ ଲକ୍ଷ୍ମୀକାନ୍ତ ଜେନା, ଝରଣା ପାତ୍ର, ପ୍ରଭାସିନୀ ସାହୁ, ସୀମାରାଣୀ ସାହୁ, ମୀନା ନାୟକ, ବିରଞ୍ଚି ନାୟକ, ଦିଲାବର ହୁସେନଙ୍କ ସମେତ ଅଭିଭାବକ ଓ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

# ଡ୍ରାଗନ କ୍ଲବ ଦୁଦୁରକୋଟ ଚାମ୍ପିୟନ

## ଆନ୍ତଃ କ୍ଲବ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଢେଙ୍କାନାଳ,୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନିୟ ଷ୍ଟାଡିୟମଠାରେ ସେପ୍ଟେମ୍ବର ୮ରୁ ଅନୁଷ୍ଠିତ ହେଉଥିବା ଆନ୍ତଃକ୍ଲବ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡ୍ରାଗନ କ୍ଲବ ଦୁଦୁରକୋଟ, ମା' ମଙ୍ଗଳା କ୍ଲବ ବନମାଳୀ ପ୍ରସାଦକୁ ୨-୧ ଗୋଲରେ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଥିଲେ। ଏହି ମ୍ୟାଚକୁ ରେଫରି ଆଶୀର୍ବାଦ କାନୁନଗୋ, ମହେଶ ପ୍ରଧାନ, ବୋନସନ ବରାଳ ଓ ଦିଗବିଜୟ ଦାସ ପରିଚାଳନା କରିଥିଲେ। ପ୍ରେମାନନ୍ଦ ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ସୁଦିପ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସମାଜସେବୀ ମୁରଲୀ କୁମାର ଭଞ୍ଜ, ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ପ୍ରେମାନନ୍ଦ ବିହାରୀ, ପୂର୍ବତନ ଖେଳାଳି ଜୟକୃଷ୍ଣ ପଟ୍ଟନାୟକ ପ୍ରମୁଖ ଚାମ୍ପିୟନ ଡ୍ରାଗନ କ୍ଲବ ଦୁଦୁରକୋଟ ଦଳକୁ ନଗଦ ୧୦ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ମା' ମଙ୍ଗଳା କ୍ଲବ ବନମାଳୀ ପ୍ରସାଦ ଦଳକୁ ନଗଦ ୫ହଜର ଟଙ୍କା ସହ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ କ୍ରୀଡା ଶିକ୍ଷକ ମାୟାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏହି ପ୍ରତିଯୋଗିତାରେ ଜିଲାର ୨୨ଟି ଦଳ ଅଂଶଗ୍ରହଣ କରିଥିଲେ ।



ଡ୍ରାଗନ କ୍ଲବ ଦୁଦୁରକୋଟ ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

# ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ଭୁବନ, ୮।୧୦ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବ୍ଲକ ମୃଦଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ମଙ୍ଗଳବାର ଅଭିଭାବକମାନେ ଫାଟକରେ ତାଲା ପକାଇଦେଇଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ନିକଟରେ ଏକ ଖୋଲାଜାଗାରେ ବସି ପାଠ ପଢିଥିଲେ। ବିଦ୍ୟାଳୟଟି ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୮୨ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କାର ରୂପାନ୍ତରୀକରଣ କରାଯାଇଛି। ହେଲେ ବିଦ୍ୟାଳୟର ଶିକ୍ଷାଦାନରେ ସମସ୍ୟା ଉପୁଜୁଛି। ପ୍ରଥମଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୮ ଶିକ୍ଷକ ଥିଲେ। ୩ ବର୍ଷ ହେବ ୨ଜଣ ଶିକ୍ଷକ ଅନ୍ୟତ୍ର ଅସ୍ଥାୟୀ ଭାବେ ବଦଳି ହୋଇ ଯାଇଛନ୍ତି। ଏବେ ଅନ୍ୟଜଣେ ବିଜ୍ଞାନ ଶିକ୍ଷକଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସିଆରସିସି ଭାବେ ନିଯୁକ୍ତି କରାଯାଇଛି। ବିଦ୍ୟାଳୟରେ ଶିକ୍ଷାଦାନରେ ସମସ୍ୟା ନେଇ ଗ୍ରାମ କମିଟି, ଅଭିଭାବକ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ବାରମ୍ବାର ଜିଲା ଶିକ୍ଷା ଅଧିକାରୀଣୀ ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ନାହିଁ ବୋଲି କହିଛନ୍ତି। ଦିନକୁ ଦିନ ଶିକ୍ଷକ କମିବାକୁ ଲାଗିଥିବା ବେଳେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରିଣୀ ବିନୀତା ସେନାପତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା। ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଓ ବିଜ୍ଞାନ ଶିକ୍ଷକଙ୍କୁ ସିଆରସିସି ପଦବୀରୁ ବାଦଦେଇ ସେହି ବିଦ୍ୟାଳୟରେ ଶିକ୍ଷାଦାନ ନିମନ୍ତେ ରଖାଯିବା ପାଇଁ ଦାବି କରିଛନ୍ତି। ଶିକ୍ଷକ ପଦବୀ ପୂରଣ ନହେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ଝୁଲି ରହିବ ବୋଲି ଗ୍ରାମର ଜୟନ୍ତ କୁମାର ରାଉତ, ଅରୁଣ କୁମାର ମାଝୀ, ଭଗବାନ ବେହେରା ମିନତୀ ଖିଲାର ଓ ଅଶାନ୍ତି ନାୟକ କହିଛନ୍ତି।

